# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03rd April - 2025**

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍-୨୦୨୫ ଉପରେ ଜାରି ରହିଛି ଆଲୋଚନା ।

— ବିରୋଧୀ ଦଳମାନେ ଏହି ବିଲ୍‌କୁ ସମର୍ଥନ କରି ପାରିତ କରିବାପାଇଁ ଅନୁରୋଧ କରିଥିବା କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

- ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷର ତୃତୀୟ ଦିନରେ ଆଜି ପାଳନ କରାଯାଉଛି 'ଆମ ପୋଷାକ, ଆମ ପରିଚୟ' ଦିବସ ।

- ବ୍ରହ୍ମପୁରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଆଜି ମଧରାତ୍ରରୁ ହେବ ଆରମ୍ଭ ।

ଏବଂ

- କାଳବୈଶାଖୀର ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ଆସନ୍ତା୨ ଦିନ ପର୍ଯ୍ୟନ୍ତ ସାମାନ୍ୟ ହ୍ରାସ ପାଇବ ତାପମାତ୍ରା ।

# ୱାକଫ୍ ବିଲ୍

ରାଜ୍ୟସଭାରେ ଆଜି ୱାକଫ୍ ସଂଶୋଧନ ବିଲ୍-୨୦୨୫ ଉପରେ ଆଲୋଚନା ଜାରି ରହିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍ ଉପସ୍ଥାପନ କରି କହିଛନ୍ତି, କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳମାନେ ଏହି ବିଲ୍‌କୁ ସମର୍ଥନ କରି ପାରିତ କରିବାକୁ ଅନୁରୋଧ କରିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି, ୱାକଫ୍ ସଂଶୋଧନ ବିଲ୍ କୌଣସି ଧର୍ମ ସହିତ ସଂଶ୍ଳିଷ୍ଟ ନୁହେଁ। ଏହା କେବଳ ମୁସଲ୍‌ମାନ୍ ସମ୍ପ୍ରଦାୟର ୱାକଫ୍ ସମ୍ପତ୍ତି ଉପରେ ଆଇନ ଅଣାଯାଇଛି । ଶ୍ରୀ ରିଜିଜୁ ଗୃହରେ ସୂଚନା ଦେଇ କହିଛନ୍ତି, ୨୦୦୪ ମସିହାରେ ୪ ଲକ୍ଷ ୯୦ ହଜାରଟି ୱାକଫ୍ ସମ୍ପତ୍ତି ଥିବାବେଳେ ବର୍ତ୍ତମାନ ଏହି ସମ୍ପତ୍ତି ବୃଦ୍ଧି ପାଇ ୮ ଲକ୍ଷ ୭୨ ହଜାରରେ ପହଞ୍ଚିଛି । ରାଜ୍ୟସଭାରେ ସରକାରୀ ଦଳର ନେତା ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ବିରୋଧୀ ଦଳର ସଦସ୍ୟମାନେ ଏହି ବିଲ୍‌କୁ ନେଇ ମୁସଲ୍‌ମାନ ସମ୍ପ୍ରଦାୟ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି । ବିଲ୍ ସପକ୍ଷରେ ଉତ୍ତର ରଖି ଶ୍ରୀ ନଡ୍ଡା କହିଛନ୍ତି, ଇରାକ୍ ଭଳି ମୁସଲ୍‌ମାନ ଦେଶରେ ୱାକଫ୍ ଆଇନ ପରିବର୍ତ୍ତନ କରାଯାଇଛି । ଭାରତରେ ଏହି ଆଇନରେ ପରିବର୍ତ୍ତନ ନେଇ ବିରୋଧୀ ସଦସ୍ୟମାନେ କାହିଁକି ପ୍ରଶ୍ନ କରୁଛନ୍ତି । ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ୱାକଫ୍ ସଂଶୋଧନ ବିଲ୍ ଉପରେ ବି.ଜେ.ପି.ର ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ।

ଲୋକସଭାରେ ଗତକାଲି ୱାକଫ୍ ସଂଶୋଧନ ବିଲ୍-୨୦୨୫କୁ ମଞ୍ଜୁରୀ ମିଳିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ଏହି ବିଲ୍ ଆଗତ କରିବା ପରେ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଲ୍ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନାରେ ବିରୋଧୀ ଏବଂ ସରକାରୀ ଦଳର ସଦସ୍ୟମାନେ ଭାଗ ନେଇ ବିଲ୍‌ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ସଂଶୋଧନ ବିଧେୟକ ମୁସଲ୍‌ମାନମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହିତ ଜଡିତ ନୁହେଁ ବୋଲି ଶ୍ରୀ ରିଜିଜୁ କହିଥିଲେ। ମୁସଲ୍‌ମାନମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହିତ ଏହି ବିଲ୍‌ର କୌଣସି ସମ୍ପର୍କ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଏହି ବିଲ୍ ଜଡ଼ିତ ଏବଂ ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ ନିରପେକ୍ଷ କରିବାପାଇଁ ସରକାର ଚାହାନ୍ତି ବୋଲି ଶ୍ରୀ ରିଜିଜୁ କହିଥିଲେ ।

*Desk, Ganjam, Rayagada, Boudh,Baragarh/R*

# ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ତୃତୀୟ ଦିନରେ ଆଜି 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ ନିମନ୍ତେ ସରକାର ସ୍ଥିର କରିଛନ୍ତି । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି। ସମ୍ବଲପୁରୀ,

ସୋନପୁରୀ, ବୋମ୍‌କାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହ ଖୋର୍ଦ୍ଧା ଲୁଙ୍ଗି ଏବଂ ଗାମୁଛା ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି। ରାଜ୍ୟର ହସ୍ତତନ୍ତ ପୋଷାକର ପ୍ରଦର୍ଶନ ସହିତ ସାଧାରଣ ନାଗରିକ ଓ ସରକାରୀ ଅଫିସ୍ କର୍ମଚାରୀମାନଙ୍କୁ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଉତ୍ସାହିତ କରାଯାଉଛି । ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକ, ଉତ୍କଳିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ୨୦ରୁ ୩୦ ପ୍ରତିଶତ ରିହାତି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ମିଳିବ ବୋଲି ଏକ ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି ।

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉପସ୍ଥିତିରେ ଏହି ଦିବସ ପାଳିତ ହୋଇଯାଇଛି । ଓଡ଼ିଶାର ହସ୍ତତନ୍ତ ଓ ବୟନଶିଳ୍ପର ଗୌରବକୁ ଉଜ୍ଜୀବିତ କରିବାପାଇଁ ଆଜି ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ ।

ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିନ୍ତନ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ଲକ୍‌ର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି ଏହି ଦିବସ ପାଳନ କରିଥିଲେ ।

ବରଗଡ଼ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଥିଲେ । ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପୋଷାକ ପରିଧାନ ପ୍ରତିଯୋଗିତା ସହ ବୁଣାକାରମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲାର ୧୫ ଜଣ ସନ୍ଥକବି ପୁରସ୍କାର ପ୍ରାପ୍ତ ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ ପୁରୀ ଜିଲ୍ଲାରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ କରିଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି **ଖୋର୍ଦ୍ଧା** ଜିଲ୍ଲା ହଳଦୀପଡା ଓ ଅରାଙ୍ଗ ଅଞ୍ଚଳରେ ୧୧ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି

ଅବସରରେ ମୁଖ୍ୟମନ୍ତ୍ରୀ କାଚ ଓ ଇଂଜିନିୟରିଂ କାରଖାନାର ଶୁଭ ଦେଇଛନ୍ତି। ସୂଚନା ଅନୁଯାୟୀ, ଏହି ଶିଳ୍ପଗୁଡ଼ିକ ମଧ୍ୟରୁ ଜୁପିଟର ରେଳ ହ୍ୱିଲ୍ କାରଖାନାରେ ୩ ହଜାର ୫୦୦ କୋଟି ଟଙ୍କା ନିବେଶ କରାଯିବାକୁ ଯୋଜନା ରହିଥିବାବେଳେ ସେଥିରେ ୨ ହଜାର ୧୦୦ଟି ନିଯୁକ୍ତି ସୁଯୋଗ ରହିଛି। ସେହିପରି ୫୩୫ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଶାଲିମାର କମ୍ପାନୀରେ ୪୦୦ ଓ ଏକ ପାନୀୟ ଜଳ ପ୍ରକଳ୍ପରେ ୫୫୦ ଲୋକଙ୍କ ନିଯୁକ୍ତି ସୁଯୋଗ ରହିଥିବା ଜଣାପଡିଛି।

***Desk***

# ପୋଲିସ୍ ଡି.ଜି.

ରାଜ୍ୟରେ ମାଓପ୍ରଭାବିତ ଜିଲ୍ଲା ସଂଖ୍ୟା ୭କୁ ହ୍ରାସ ପାଇଥିବା ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିୟା କହିଛନ୍ତି। ସମ୍ବଲପୁର ଉତ୍ତରାଞ୍ଚଳ ଆଇ.ଜି. କାର୍ଯ୍ୟାଳୟରେ ଆଜି ଆଇନ୍‌ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ଅବସରରେ ସେ କହିଛନ୍ତି, ମାଓ ବିରୋଧୀ ଅଭିଯାନରେ ପୋଲିସ୍‌କୁ ବଡ଼ ସଫଳତା ମିଳିଛି। ବୈଠକରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବଲାଙ୍ଗିର ଜିଲ୍ଲାର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରାଯାଇଥିବା ଜଣାପଡିଛି। ଏଥିରେ ଏଡିଜି ସଞ୍ଜୟ କୁମାର, ୫ଟି ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଏବଂ ଉତ୍ତରାଞ୍ଚଳ ଆଇ.ଜି. ଉପସ୍ଥିତ ଥିଲେ। ଶ୍ରୀ ଖୁରାନିୟା ସମ୍ବଲପୁର ଜିଲ୍ଲାରେ ହେବାକୁ ଥିବା ରାମନବମୀ ଓ ହନୁମାନ ଜୟନ୍ତୀ

ସମୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ମାଓବିରୋଧି ଅଭିଯାନ ଚାଲିଥିବା ସମ୍ପର୍କରେ ସୂଚନା ଦେଇ ଶ୍ରୀ ଖୁରାନିୟା ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିବାକୁ ନିବେଦନ କରିଛନ୍ତି।

***Desk***

## ଓଡ଼ିଶା - ଆର୍ଥିକ ସ୍ୱାସ୍ଥ୍ୟ

ନୀତି ଆୟୋଗ ପକ୍ଷରୁ ଜାରି ଆର୍ଥିକ ସ୍ୱାସ୍ଥ୍ୟ ସୂଚୀରେ ଓଡ଼ିଶା ୬୭ ଦଶମିକ ୮ ସ୍କୋର ସହ ଦେଶର ପ୍ରଥମ ସ୍ଥାନରେ ରହିଛି । ଓଡ଼ିଶା ପଛକୁ ଛତିଶଗଡ଼, ଗୋଆ, ଝାଡ଼ଖଣ୍ଡ ଓ ଗୁଜରାଟ ରହିଛି । ରାଜସ୍ୱ ସଂଗ୍ରହ, ଆର୍ଥିକ ଶୃଙ୍ଖଳା, ଋଣସୂଚୀ, ଋଣ ସ୍ଥାୟିତ୍ୱ ଆଦି କ୍ଷେତ୍ରକୁ ନେଇ ମୂଲ୍ୟାୟନ କରାଯାଇଛି । ବିତ୍ତୀୟ ନିଅଣ୍ଟକୁ କମ୍ ରଖିବା, ଋଣ ଉପରେ ନିୟନ୍ତ୍ରଣ ଏବଂ ଉଚ୍ଚ ପୁଞ୍ଜି ଅଟକଳ ଅନୁପାତ ବଜାୟ ରଖିଥିବାରୁ ଓଡ଼ିଶାକୁ ପ୍ରଶଂସା କରାଯାଇଛି । ଦେଶର ୧୮ଟି ପ୍ରମୁଖ ରାଜ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

*Desk*

# ଏଫ୍.ଏମ୍. - ପି.ପି.ଏଫ୍. ଗେଜେଟ୍

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ-ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନି ସଂଶୋଧନ କରିବାକୁ ଏଣିକି କୌଣସି ଦେୟ ଦେବାକୁ ପଡିବ ନାହିଁ । ସରକାରୀ ସଂଚୟ ପ୍ରୋତ୍ସାହନ ସାଧାରଣ ନିୟମ ୨୦୧୮ରେ ଏନେଇ ଆବଶ୍ୟକ ସଂଶୋଧନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ପ୍ରଦାନ କରି କହିଛନ୍ତି ସଂଶୋଧିତ ୨୦୧୮ ନିୟମ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଏହି ସଂଶୋଧନ ଗତକାଲିଠାରୁ ଲାଗୁ ହୋଇଛି । ସୂଚନାଯୋଗ୍ୟ ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନିଙ୍କ ନାମ ପରିବର୍ତ୍ତନ ନିମନ୍ତେ ପୂର୍ବରୁ ୫୦ ଟଙ୍କା ଶୁଳ୍କ ଆଦାୟ କରାଯାଉଥିଲା ।

*Boudh/R*

# ଜି.ଏସ୍.ଟି. କମିଶନର

ରାଜ୍ୟ ସିଟି ଓ ଜି.ଏସ୍.ଟି. କମିଶନର ଯାମିନୀ ଷଡ଼ଙ୍ଗୀ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ଆଜି ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପ ଓ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ସୁବ୍ରତ କୁମାର

ପଣ୍ଡାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ବିଭିନ୍ନ ବିଭାଗର ବ ରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Desk***

# ବି.ଏଡ୍ ଆବେଦନ

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବି.ଏଡ୍., ବି.ଏଚ୍.ଏଡ୍., ଏମ୍.ଏଡ୍. ପାଠ୍ୟକ୍ରମରେ ନାମଲେଖାପାଇଁ ଆବେଦନ ପ୍ରକ୍ରିୟା ଆସନ୍ତା ୧୦ ତାରିଖରେ ଶେଷ ହେବ । ୩୧ଟି ଶିକ୍ଷାନୁଷ୍ଠାନର ମୋଟ୍ ୨ ହଜାର ୭୫୦ ସିଟ୍ ପାଇଁ ଅଦ୍ୟାବଧି ୪୩ ହଜାର ୪୮୪ ଜଣ ଆବେଦନ କରିସାରିଛନ୍ତି । ପରୀକ୍ଷାର୍ଥୀଙ୍କ ପାଇଁ ଆସନ୍ତା ମଇ ମାସ ୨୩ ତାରିଖରେ ପ୍ରବେଶ ପତ୍ର ଉପଲବ୍ଧ ହେବ । ଜୁନ୍ ମାସ ପହିଲାରେ ବି.ଏଡ୍. ଓ ବି.ଏଚ୍.ଏଡ୍.ର ପ୍ରବେଶିକା ପରୀକ୍ଷା ହେବାକୁ ଥିବାବେଳେ ୪ ତାରିଖରେ ଏମ୍.ଏଡ୍. ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାନେଇ ଜଣାପଡ଼ିଛି ।

*Ganjam/R*

# ବୁଢ଼ୀ ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଆଜି ମଧରାତ୍ରିରୁ ଆରମ୍ଭ ହେବ । ଯାତ୍ରା ପୂର୍ବରୁ ପୂର୍ବାହ୍ନରେ ମା'ଙ୍କୁ ବିଧିପୂର୍ବକ ନିମନ୍ତ୍ରଣ କରାଯାଇଛି । ପରିଚାଳନା କମିଟି, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମନ୍ଦିର ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୁଲିସ ବିଭାଗର ନିୟନ୍ତ୍ରଣ କକ୍ଷ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ଖୋଲାଯାଇଛି । ଦେଶୀ ବେହେରା ସାହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି ।

ସୂଚନାଯୋଗ୍ୟ, ଏହି ଯାତ୍ରା ଆଜି ମଧ୍ୟରାତ୍ରିରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୬ ଦିନର ଏହି ଯାତ୍ରା ପାଇଁ ଗତମାସ ୧୨ ତାରିଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ।

*Nuapada/R*

# ମାରାଗୁଡ଼ା ଲୋକ ମହୋତ୍ସବ

ନୂଆପଡ଼ା ଜିଲ୍ଲାରେ ଚାଲିଥିବା ମାରାଗୁଡ଼ା ଲୋକ ମହୋତ୍ସବ ଆସନ୍ତା ଶନିବାର ଦିନ ଉଦ୍‌ଯାପିତ ହେବ । ଏହି ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ୧୬୦ଟି ଷ୍ଟଲ୍

ଖୋଲାଯାଇଛି । ଆସନ୍ତାକାଲି ମେଳାର ଚତୁର୍ଥ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Met. O.***

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଶନିବାର ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ସମେତ ୨୧ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ସେହିପରି ଶନିବାର ଦିନ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****